# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 01 January – 2026

*******************************

## ମୁଖ୍ୟ ସମ୍ବାଦ

- କୃତ୍ରିମ ବୁଦ୍ଧିମତ୍ତା ସଂକ୍ରାନ୍ତ ଶିକ୍ଷା ଗ୍ରହଣ ଉପରେ ଗୁରୁତ୍ୱ ପ୍ରଦାନ କଲେ ରାଷ୍ଟ୍ରପତି

— ରାଇରଙ୍ଗପୁର ଇଗ୍ନୋ ଆଂଚଳିକ ଦକ୍ଷତା କେନ୍ଦ୍ରର କଲେ ଶୁଭାରମ୍ଭ

- ଶାସନ ଓ ପ୍ରଶାସନକୁ କ୍ରିୟାଶୀଳ କରିବା ଲକ୍ଷ୍ୟ ନେଇ ୧୫ ସୂତ୍ରୀ ନିର୍ଦ୍ଦେଶାବଳୀ ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

- ଆସନ୍ତା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରଖିବେ ରାଜ୍ୟ ସରକାର

ଏବଂ

- ନୂଆବର୍ଷ ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଅନୁଷ୍ଠିତ ହେଉଛି ସ୍ୱତନ୍ତ୍ର କାର୍ଯ୍ୟକ୍ରମ

## ପ୍ରେଜ୍-ସୋର୍

କୃତ୍ରିମ ବୁଦ୍ଧିମତା କେବଳ ଏକ ପ୍ରଯୁକ୍ତିବିଦ୍ୟା ନୁହେଁ ବରଂ ଦେଶରେ ସକାରାତ୍ମକ ପରିବର୍ତ୍ତନ ଦିଗରେ ଏକ ବଡ଼ ସୁଯୋଗ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ରାଷ୍ଟ୍ରପତି ଭବନରେ ଆଜି 'କୃତ୍ରିମ ବୁଦ୍ଧିମତା ଦକ୍ଷତା' ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି, ଦେଶର ଅନେକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଗୁରୁତ୍ୱ ବୃଦ୍ଧି ପାଇବାରେ ଲାଗିଛି। ଏ ସଂକ୍ରାନ୍ତ ଶିକ୍ଷା ଗ୍ରହଣ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ରାଇରଙ୍ଗପୁରଠାରେ ଇଗ୍ନୋ ଆଂଚଳିକ ଓ ଦକ୍ଷତା କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି। ଗୁଣବତ୍ତା ସମ୍ପନ୍ନ ଶିକ୍ଷା ପାଇଁ ଏହା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ରାଷ୍ଟ୍ରପତି ବର୍ଣ୍ଣନା କରିଛନ୍ତି....

**- V/O -**

କାର୍ଯ୍ୟକ୍ରମରେ ରାଷ୍ଟ୍ରପତି' ଛାତ୍ରଛାତ୍ରୀ ଏବଂ ସାଂସଦମାନଙ୍କ ପାଇଁ ଏକ ଜାତୀୟ ସଚେତନତା ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନର ଶୀର୍ଷକ ହେଉଛି 'ସ୍କିଲ ଦ ନେସନ୍ ଚ୍ୟାଲେଞ୍ଜ'।

## ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରଠାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ କାର୍ଯ୍ୟାଳୟର ଅଧିକାରୀମାନଙ୍କ ସହିତ ଚଳିତବର୍ଷର

ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଛନ୍ତି। ଶାସନ-ପ୍ରଶାସନକୁ କ୍ରିୟାଶୀଳ କରିବା ପାଇଁ ଶ୍ରୀ ମାଝୀ ମୁଖ୍ୟ ଶାସନ ସଚିବଙ୍କୁ ୧୫ ଦଫା ନିର୍ଦ୍ଦେଶାବଳୀ ପ୍ରଦାନ କରିଛନ୍ତି। ୨୦୩୬ ମସିହା ସୁଦ୍ଧା ୫୦୦ ବିଲିୟନ୍ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ ପାଇଁ ଅଗ୍ରାଧିକାରୀ ଭିତ୍ତିରେ କାର୍ଯ୍ୟ କରିବା ସହ ଓଡ଼ିଶାକୁ ଶ୍ରେଷ୍ଠ ୫ଟି ବିକଶିତ ରାଜ୍ୟ ମଧ୍ୟରେ ସ୍ଥାନିତ କରିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

ଜ୍ଞାନ ପରିଚାଳିତ ଶିଳ୍ପ ତଥା ସେବା କ୍ଷେତ୍ରକୁ ପ୍ରାଥମିକତା ପ୍ରଦାନ କରିବା ସହ ଦ୍ରୁତ ଶିଳ୍ପାୟନକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ସବୁ ଜିଲ୍ଲାପାଳଙ୍କୁ କୁହାଯାଇଛି।  ଖାଲି ପଡିଥିବା ସମସ୍ତ ସରକାରୀ ପଦବୀକୁ ଆସନ୍ତା ୨ ବର୍ଷ ମଧ୍ୟରେ ପୂରଣ କରିବା ପାଇଁ ପଦକ୍ଷେପ ନେବା ସହିତ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ତଥା ବାଧ୍ୟତାମୂଳକ ସେବା ନିବୃତ୍ତ କରିବା ପାଇଁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

ଏଥିସହ ବିଭିନ୍ନ ପ୍ରକଳ୍ପର ସଫଳ ରୂପାୟନ ପାଇଁ ନିୟମିତ ସମୀକ୍ଷା ଓ ମୂଲ୍ୟାୟନ କରିବା ଜରୁରୀ। ଗବେଷଣା ଓ ମୂଲ୍ୟାୟନକୁ ଜୋର୍ ଦେବା ପାଇଁ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରକୁ ଏକ ଉତ୍କର୍ଷ କେନ୍ଦ୍ର ଭାବେ ଗଢ଼ି ତୋଳିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ସରକାରୀ କାର୍ଯ୍ୟ ବିଶେଷ କରି ବିଜ୍ଞପ୍ତି ଓ ପତ୍ର ବିନିମୟକୁ କେବଳ ଓଡ଼ିଆ ଭାଷାରେ ପ୍ରକାଶ

କରିବା ପାଇଁ ନିଷ୍ପତ୍ତି ହୋଇଛି । ସଚିବାଳୟରୁ ଆରମ୍ଭ କରି ବ୍ଲକ୍ ଓ ତହସିଲ୍ ସ୍ତର ପର୍ଯ୍ୟନ୍ତ ସବୁ ଅଧିକାରୀଙ୍କୁ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରି ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହି ୧୫ ସୂତ୍ରୀ ପରାମର୍ଶ ରାଜ୍ୟ ଶାସନ ପ୍ରଶାସନକୁ ଗତିଶୀଳ କରିବ ବୋଲି ଆଶା କରାଯାଉଛି ।

# ମୁଖ୍ୟ ଶାସନ ସଚିବଙ୍କ ଦାୟିତ୍ୱ ଗ୍ରହଣ

ମୁଖ୍ୟ ଶାସନ ସଚିବ ଦାୟିତ୍ୱ ଗ୍ରହଣ କରିବା ପରେ ବରିଷ୍ଠ ଆଇଏଏସ୍ ଅଧିକାରୀ ଅନୁ ଗର୍ଗ ପୁରୀ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି । ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବାପାଇଁ ସରକାରଙ୍କ ଲକ୍ଷ୍ୟ ଦିଗରେ କାର୍ଯ୍ୟକରିବା ସହ ଆଞ୍ଚଳିକ ତାରତମ୍ୟକୁ ହ୍ରାସ କରିବା ମୁଖ୍ୟ ଉଦ୍ଦେଶ୍ୟ ରହିବ । ରାଜ୍ୟରେ ସୁଶାସନ, ମହିଳା ସଶକ୍ତୀକରଣ, ବିପର୍ଯ୍ୟୟ ପରିଚାଳନା କରିବା ନେଇ ଶ୍ରୀମତୀ ଗର୍ଗ କାର୍ଯ୍ୟ କରିବେ ବୋଲି କହିଛନ୍ତି ।

**- V/O - (**ଅନୁ ଗର୍ଗ **)**

# ରାଜନାଥ-ଡିଆରଡିଓ

ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ-ଡି.ଆର.ଡିଓ. ଆଜି ତାର ପ୍ରତିଷ୍ଠା ଦିବସ ପାଳନ କରୁଛି । ୧୯୫୮ ମସିହାରେ  ଭାରତୀୟ ସେନାର

ପ୍ରଯୁକ୍ତିବିଦ୍ୟା ବିକାଶ ପ୍ରତିଷ୍ଠାନ ଏବଂ ପ୍ରଯୁକ୍ତିବିଦ୍ୟା ବିକାଶ ଓ ଉତ୍ପାଦନ ନିର୍ଦ୍ଦେଶାଳୟ ଏବଂ ପ୍ରତିରକ୍ଷା ବିଜ୍ଞାନ ପ୍ରତିଷ୍ଠାନକୁ ମିଶ୍ରଣ କରାଯାଇ ଡି.ଆର୍.ଡି.ଓ. ଗଠନ କରାଯାଇଥିଲା। ଦେଶବ୍ୟାପୀ ଡି.ଆର.ଡି.ଓର ୫୨ଟି ପରୀକ୍ଷାଗାରରେ ୫ ହଜାରରୁ ଅଧିକ ବୈଜ୍ଞାନିକ ଗବେଷଣା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଏହି ପ୍ରତିଷ୍ଠା ଦିବସ ପାଳନ  ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ' ବୈଜ୍ଞାନିକ, ଡି.ଆର୍.ଡି.ଓ. କର୍ମଚାରୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ସ୍ୱଦେଶୀ ଅସ୍ତ୍ରଶସ୍ତ୍ର ନିର୍ମାଣ କରିବା ଏବଂ ଭବିଷ୍ୟତ ଲାଗି ପ୍ରଯୁକ୍ତିବିଦ୍ୟାକୁ ସଠିକ୍ ଢଙ୍ଗରେ ବ୍ୟବହାର ଦିଗରେ ଡିଆରଡିଓ ପ୍ରସ୍ତୁତ ରହିଛି।

## କୃଷ୍ଣଚନ୍ଦ୍ର ପାତ୍ର

ରାଜ୍ୟରେ ଆସନ୍ତା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଭୁବନେଶ୍ୱରଠାରେ ଖରିଫ୍ ଋତୁ ଧାନ ସଂଗ୍ରହ ଓ ଇ-କେୱାଇସି ସମ୍ପର୍କରେ ସୂଚନା ପ୍ରଦାନ କରି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ବର୍ତ୍ତମାନ ସୁଦ୍ଧା ୨ ଲକ୍ଷ ୩୦ ହଜାର ଚାଷୀ ଧାନ ବିକ୍ରୟ କରିଛନ୍ତି। ୧୦ ଲକ୍ଷ ୫୦ ହଜାର ମେଟ୍ରିକ୍ଟନ୍ ଧାନ କ୍ରୟ ହୋଇଛି। ୧୮ଟି ଜିଲ୍ଲାରେ ଧାନ କ୍ରୟ ପ୍ରକ୍ରିୟା ଚାଲିଥିବାବେଳେ ୧୧ ଲକ୍ଷ ଚାଷୀଙ୍କୁ ଟୋକେନ୍ ପ୍ରଦାନ କରାଯାଇଛି। ଚାଷୀଙ୍କ ଜମାଖାତାକୁ ୨ ହଜାର ୩୫୦ କୋଟି ଟଙ୍କା ସ୍ଥାନାନ୍ତର

କରାଯାଇଥିବା ନେଇ ମନ୍ତ୍ରୀ କହିଛନ୍ତି । ରାଜ୍ୟରୁ ୬ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ କେନ୍ଦ୍ର ଉଠାଇବ । ସେଥିମଧ୍ୟରୁ ୫ ଲକ୍ଷ ମେଟ୍ରିକ୍ ଟନ୍ ଉଷୁନା ଏବଂ ୧ ଲକ୍ଷ ମେଟ୍ରିକ୍‌ଟନ୍ ଅରୁଆ ଚାଉଳ ଅନ୍ତର୍ଭୁକ୍ତ । ବର୍ତ୍ତମାନ ୭ ଲକ୍ଷ ମେଟ୍ରିକ୍‌ଟନ୍ ଚାଉଳ ଗଚ୍ଛିତ ରହିଛି । ବାକି ଲକ୍ଷେ ମେଟ୍ରିକ୍ ଟନ୍ ଚାଉଳକୁ ନିଲାମ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

## ଗଭ୍- ଟବାକୋ

ତମାଖୁ ଜାତୀୟ ପଦାର୍ଥ ଉପରେ ଅତିରିକ୍ତ ଉତ୍ପାଦ ଶୁଳ୍କ ଏବଂ ପାନ ମସଲା ଉପରେ ନୂଆ ସେସ୍ ଆସନ୍ତା ମାସ ପହିଲାରୁ ଲାଗୁ ହେବ । ନିର୍ଦ୍ଧାରିତ ଜି.ଏସ୍.ଟି. ହାର ଉପରେ ଏହି ଅତିରିକ୍ତ ଶୁଳ୍କ କାର୍ଯ୍ୟକାରୀ କରାଯିବ । ପାନ ମସଲା, ସିଗାରେଟ, ତମାଖୁ ଓ ସେହି ଜାତୀୟ ଉତ୍ପାଦ ଉପରେ ୪୦ ପ୍ରତିଶତ ଜି.ଏସ୍.ଟି. ଏବଂ ବିଡ଼ି ଉପରେ ୧୮ ପ୍ରତିଶତ ଜିଏସଟି ଲାଗୁ ହେବ । ଏହା ବ୍ୟତୀତ ପାନମସଲା, ତମାଖୁ ଜାତୀୟ ଉତ୍ପାଦ ଉପରେ ସ୍ୱାସ୍ଥ୍ୟ ଏବଂ ଜାତୀୟ ସୁରକ୍ଷା ସେସ୍ ମଧ୍ୟ ଲାଗୁ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।  ଗତ ମାସରେ ସଂସଦରେ ନୂଆ ସ୍ୱାସ୍ଥ୍ୟ ଏବଂ ଜାତୀୟ ସୁରକ୍ଷା ସେସ୍ ଲାଗୁ ନେଇ ବିଧେୟକ ପାରିତ ହୋଇଥିଲା ।

## ବି.ଏସ୍.ଏନ୍.ଏଲ୍.

ଭାରତ ସଂଚାର ନିଗମ ଲିମିଟେଡ୍-ବି.ଏସ୍.ଏନ୍.ଏଲ୍. ଆଜିଠାରୁ ସମଗ୍ର ଦେଶରେ ଭଏସ୍ ଓଭର ୱ୍ୱାଇଫାଇ ସେବା ଆରମ୍ଭ କରିବା ନେଇ ଘୋଷଣା କରିଛି । ଯୋଗାଯୋଗ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ଦେଶର ପ୍ରତ୍ୟେକ ଟେଲିକମ୍ ସର୍କଲ ଅନ୍ତର୍ଗତ ବି.ଏସ୍.ଏନ୍.ଏଲ୍. ଗ୍ରାହକଙ୍କ ପାଇଁ ଏହା ଉପଲବ୍ଧ ହେବ । ୱ୍ୱାଇଫାଇ ନେଟ୍‌ୱ୍ୱର୍କ୍ ମାଧ୍ୟମରେ ଏହି ସେବା ଗ୍ରାହକଙ୍କୁ ଭଏସ୍ କଲ୍ ଏବଂ ମେସେଜ୍ କରିବାର ସୁବିଧା ପ୍ରଦାନ କରିବ । ଏପରିକି ଦୁର୍ଗମ ଅଂଚଳ ତଥା ଦୁର୍ବଳ ମୋବାଇଲ ସିଗ୍‌ନାଲ୍ ରହିଥିବା ଅଂଚଳରେ ମଧ୍ୟ ସ୍ପଷ୍ଟ ଏବଂ ନିର୍ଭରଯୋଗ୍ୟ ସଂଯୋଗକୁ ଏହି ସେବା ସୁନିଶ୍ଚିତ କରିବ ବୋଲି ମନ୍ତ୍ରଣାଳୟ କହିଛି ।

## ମୁକେଶ ମହାଲିଙ୍ଗ

ରାଜ୍ୟ ଡାକ୍ତରୀ ସେବା ସଂଘ-ଓମ୍‌ସା ପକ୍ଷରୁ କରାଯାଇଥିବା ଦାବିର ତର୍ଜମା ପାଇଁ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବଙ୍କ ଅଧ୍ୟକ୍ଷତାରେ ଏକ ସଚିବସ୍ତରୀୟ କମିଟି ଗଠନ କରାଯାଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି । କମିଟିରେ ସ୍ୱାସ୍ଥ୍ୟ ସଚିବ, ଆଇନ୍ ଓ ଅର୍ଥ ବିଭାଗର ସଚିବ ପ୍ରମୁଖ ସଦସ୍ୟ ରହିଛନ୍ତି । ଡାକ୍ତର ସଂଘର ଦାବି ପୂରଣ ପାଇଁ ସରକାର ତତ୍ପରତା ପ୍ରକାଶ କରିଛନ୍ତି । କମିଟି ସଂଘର ଦାବି ସମ୍ପର୍କିତ ତର୍ଜମା ରିପୋର୍ଟ ଦେବା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ।

## ନିକୋ ପାର୍କ

ଭୁବନେଶ୍ୱର ନିକୋ ପାର୍କର ଉନ୍ନତୀକରଣ କରାଯିବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ୨୦୦ କୋଟି ଲେଖାଏଁ ୩ଟି ପର୍ଯ୍ୟାୟରେ ୬୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ପିଲାଙ୍କ ମନୋରଞ୍ଜନ ସହ ମାର୍କେଟ କମ୍ପ୍ଲେକ୍ସ ଓ ଫୁଡ୍ ପାର୍କର ନିର୍ମାଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି।

## ସଚେତନତା ଶିବିର

**ଗଞ୍ଜାମ** ଜିଲ୍ଲା ଭଞ୍ଜନଗର ତାଲୁକ ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ପରିବେଶ ସୁରକ୍ଷା ଆଇନ୍ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ତାଲୁକ୍ ଆଇନ୍‌ସେବା କମିଟି ଅଧ୍ୟକ୍ଷ ସେକ୍ ମହମ୍ମଦ କଏସ୍ ଯୋଗଦେଇ ପରିବେଶ ସୁରକ୍ଷା ଆଇନ୍ ଉପରେ ଆଲୋକପାତ କରିଛନ୍ତି। 'ଆଜି ସୁରକ୍ଷା କରନ୍ତୁ ଆସନ୍ତାକାଲି ସୁରକ୍ଷିତ ରୁହନ୍ତୁ' ପ୍ରସଙ୍ଗ ଆଧାରରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା।

## ସହାୟତା କେନ୍ଦ୍ର

**ନବରଙ୍ଗପୁର** ଜିଲ୍ଲାରେ ସହଯୋଗ ଭ୍ରାମ୍ୟମାଣ ସହାୟତା କେନ୍ଦ୍ରର ଶୁଭାରମ୍ଭ ହୋଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବିଧାୟକ ଗୌରୀଶଙ୍କର ମାଝୀ ଏହି ସହାୟତାକେନ୍ଦ୍ରର

ଶୁଭାରମ୍ଭ କରିଛନ୍ତି । ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଭ୍ରାମ୍ୟମାଣ ସହଯୋଗ କେନ୍ଦ୍ର ତୃଣମୂଳସ୍ତରରେ ସରକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ସଚେତନତା ସୃଷ୍ଟି କରିବ । ୧୩ଟି ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ସହ ବଂଚିତ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ସହଯୋଗ ପୋର୍ଟାଲ ମାଧ୍ୟମରେ ସହାୟତା ପ୍ରଦାନ କରାଯିବାକୁ ଏହି ଭ୍ରାମ୍ୟମାଣ କେନ୍ଦ୍ର ଉପଯୋଗୀ ସାବ୍ୟସ୍ତ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ନୂଆବର୍ଷ

ନବବର୍ଷ ପାଳନ ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ବିଭିନ୍ନ ଦେବାଦେବୀ ମନ୍ଦିର ଓ ପର୍ଯ୍ୟଟନସ୍ଥଳୀରେ ଭିଡ ପରିଲକ୍ଷିତ ହୋଇଛି । **ଗଞ୍ଜାମ** ଜିଲ୍ଲା ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରେଣୀଙ୍କ ପୀଠରେ ଆଜି ଭୋର୍‌ରୁ ମା' ଙ୍କ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କର ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା । ରାଜ୍ୟ ତଥା ପଡୋଶୀ ରାଜ୍ୟର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । **ସୁବର୍ଣ୍ଣପୁର** ଜିଲ୍ଲାର ପାତାଳୀଶ୍ରୀକ୍ଷେତ୍ରରେ ମଧ୍ୟ ୩୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା । ବିନିକାଠାରୁ ବୌଦ୍ଧ ପର୍ଯ୍ୟନ୍ତ ୧୦୦ କିଲୋମିଟର ବ୍ୟାପୀ ମହାନଦୀ ଶଯ୍ୟାରେ ଭୋଜି ଏବଂ ନୌବିହାର ମଜା ପର୍ଯ୍ୟଟକ ଉଠାଉଥିବା ଆମ ସମ୍ବାଦଦାତା କହିଛନ୍ତି ।

# ବରଗଡ ଧନୁଯାତ୍ରା

**ବରଗଡ଼**ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର **ନବମ** ଦିବସରେ  ଆଜି ଗୋପପୁରରେ କୃଷ୍ଣ ବଳରାମଙ୍କ ବିଦାୟ ଉତ୍ସବ ଓ ଗୋପୀମାନଙ୍କ ବିଳାପ, କୃଷ୍ଣ ବଳରାମଙ୍କୁ ଧରି ଅକ୍ରୂରଙ୍କ ମଥୁରା ଅଭିମୁଖେ ଯାତ୍ରା ପରିବେଷଣ କରାଯିବ। ସେହିଭଳି ମଥୁରା ନଗରୀରେ ମଥୁରା ଆମ୍ରବନରେ ଶ୍ରୀକୃଷ୍ଣଙ୍କ ଭକ୍ତିରେ ନିମଗ୍ନ ମୁନିରଷିଙ୍କ ଉପରେ କଂସଙ୍କ ଅତ୍ୟାଚାର, ରୁଦ୍ରଶୂଳ ପ୍ରାପ୍ତି, ଶିବ ତାଣ୍ଡବ ଓ କୃଷ୍ଣ-ବଳରାମଙ୍କ ମଥୁରାରେ ପ୍ରବେଶ କାର୍ଯ୍ୟକ୍ରମ ରହିଛି।

ଅଷ୍ଟମ ଦିବସରେ ଗତକାଲି ମଥୁରା ନଗରୀରେ ଶ୍ରୀକୃଷ୍ଣ ବଳରାମଙ୍କୁ ନିମନ୍ତ୍ରଣ ପାଇଁ ଅକ୍ରୁରଙ୍କ ଗୋପପୁର ଗମନ, ଇନ୍ଦ୍ରଙ୍କ ସହ ଯୁଦ୍ଧ ଓ ବନ୍ଦୀ, ଯମପୁର ଆକ୍ରମଣ ଓ କଂସଙ୍କ ନଗର ଭ୍ରମଣ ପରିବେଷଣ କରାଯାଇଥିଲା।

ଧନୁଯାତ୍ରା ଉପଲକ୍ଷେ ୧୧ ଦିନ ପାଇଁ ବରଗଡ଼ ସହର 'ମଥୁରା' ଏବଂ ଅମ୍ବାପଲ୍ଲି ଅଞ୍ଚଳକୁ 'ଗୋପପୁର' କରାଯାଇଛି ।